

# ସହଜ ଓ ସ୍ୱଳ୍ପ ଖର୍ଚ୍ଚ ପଦ୍ଧତିରେ ପିପ୍ପଳୀ ଚାଷ

SMPB ODISHA

ଚାଷୀ ତାଲିମ ପୁସ୍ତିକା

ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ

ଓଡିଶା

ଭୁବନେଶ୍ୱର

## ପିପ୍ପଳୀ ବୃକ୍ଷ ସମ୍ପର୍କରେ କିଛି ସାଧାରଣ କଥା

- ପିପ୍ପଳୀ ଏକ ବହୁବର୍ଷୀୟ ପତଳା ଅରୋହଣକାରୀ ଟାଣ ଡେର ବିଶିଷ୍ଟ ଉଦ୍ଭିଦ |
- ଏହାର କାଣ୍ଡଗୁଡିକ ଗଣ୍ଠିଯୁକ୍ତ, ପତ୍ର 5 ରୁ 9 ସେଣ୍ଟିମିଟର ଲମ୍ବ ଓ 3 ରୁ 5 ସେଣ୍ଟିମିଟର ଓସାର ବିଶିଷ୍ଟ
- ଏହାର ଫୁଲଗୁଡିକ ଏକଲିଙ୍ଗୀ ଏବଂ ଆକାରରେ ଛୋଟ | ଅଣ୍ଡିରାଫୁଲ ଆକାରରେ ପତଳା ଏବଂ ଲମ୍ବାଳିଆ | ମାଇଫୁଲ 1.3 ସେଣ୍ଟିମିଟର ରୁ 2.5 ସେଣ୍ଟିମିଟର ପର୍ଯ୍ୟନ୍ତ ଲମ୍ବା ଓ 4 ରୁ 5 ମିଲିମିଟର ବ୍ୟାସାର୍ଦ୍ଧ ବିଶିଷ୍ଟ ହୋଇଥାଏ |
- ଫଳଗୁଡିକ 1 ରୁ 1.5 ଇଞ୍ଚ ମଧ୍ୟରେ ହୋଇଥାଏ ଓ ପରିପକ୍ୱ ଅବସ୍ଥାରେ ନାଲି ରଙ୍ଗର ହୋଇଥାନ୍ତି |






# ପିପ୍ପଳୀ ଚାଷ ନିମନ୍ତେ ଆବଶ୍ୟକ ଜଳବାୟୁ ଓ ମୃତ୍ତିକା

- ପିପ୍ପଳୀ ବିଷୁବମଣ୍ଡଳୀୟ ବର୍ଷାବନ କିମ୍ବା କ୍ରାନ୍ତୀୟବନର ଛାୟାବିଶିଷ୍ଟ ଅଞ୍ଚଳମାନଙ୍କରେ ଭଲବୃଦ୍ଧି ହୋଇଥାଏ ।
- ଏହାର ଉତ୍ତମ ବୃଦ୍ଧି ନିମନ୍ତେ ଅଧିକ ବାୟୁମଣ୍ଡଳୀୟ ଆଦ୍ରତା, ଭଲଭାବରେ ପାଣି ନିଗିଡ଼ିଯାଉଥିବା ସ୍ଥାନ ଏବଂ ଅଧିକ ବାର୍ଷିକ ବୃଷ୍ଟିପାତ ହେଉଥିବା ଅଞ୍ଚଳ ସବୋତ୍କୃଷ୍ଟ ।

| ବାର୍ଷିକ ହାରାହାରି ତାପମାତ୍ରା | ବାର୍ଷିକ ହାରାହାରି ବୃଷ୍ଟିପାତ | ବୃଣିବା ସମୟର ତାପମାତ୍ରା | ଅମଳ ସମୟର ତାପମାତ୍ରା |
|---|---|---|---|
| 30 ରୁ 32 ଡିଗ୍ରୀ ସେଲସିୟସ | 1500 ମିଲିମିଟର କିମ୍ବା ତଦୁର୍ଦ୍ଧ | 22 ରୁ 27 ଡିଗ୍ରୀ ସେଲସିୟସ କିମ୍ବା ତଦୁର୍ଦ୍ଧ | 25 ରୁ 30 ଡିଗ୍ରୀ ସେଲସିୟସ |

- ପିପ୍ପଳୀ ଚାଷ ନିମନ୍ତେ ଅଧିକ ଜୈବଖତସାର ବିଶିଷ୍ଟ ଦୋରସା ମୃତ୍ତିକା ଓ ଉତ୍ତମଭାବରେ ପାଣିନିଗିଡ଼ି ଯାଉଥିବା ଜମି ସବୋତ୍କୃଷ୍ଟ ।
- ଏହି ଚାଷ ପାଇଁ ଜଳସେଚନ ଯେପରି ଜରୁରୀ ଜମିରୁ ପାଣି ନିଷ୍କାସନ ବି ସେମିତି ଜରୁରୀ । ମାତ୍ରାଧିକ ପାଣି ପିପ୍ପଳିର ଚେରକୁ ସଢ଼େଇ ନଷ୍ଟ କରିଦେଇଥାଏ ।
- ସମୁଦ୍ର ପତ୍ତନରୁ 100 ରୁ 1000 ମିଟର ଉଚ୍ଚତାରେ ପିପ୍ପଳୀ ଚାଷକଲେ ପିପ୍ପଳୀ ଅଧିକା ଅମଳ ଦେଇଥାଏ ।
- ପିପ୍ପଳୀ ସର୍ବଦା ଛାଇ ଥିବା ଅଂଚଳରେ ଭଲ ବଢିଥାଏ, ତେଣୁ ଏହାକୁ ଆଂଶିକ (20% ରୁ 25%) ଛାଇଥିବା ଜାଗାରେ ଚାଷ କରିବାଟା ସର୍ବୋତ୍କୃଷ୍ଟ ।
- ଯଦିବା ଯେ କୌଣସି ମାଟି ଯୋଉଥିରେ ପାଣି ଜମା ନହେଇ ନିଗିଡ଼ି ଯାଉଥିବ, ମାଟିର ଅମ୍ଳୀୟତା 5.5 ରୁ 8 ମଧ୍ୟରେ ହୋଇଥିବା ତଥା ମାଟିରେ ଜୈବିକ ଖତସାରା ପରିପୂର୍ଣ୍ଣ ଥିବ ସେ ମାଟିରେ ମଧ୍ୟ ପିପ୍ପଳୀ ଭଲ ଅମଳ ଦେଇଥାଏ ।

# ଚାଷ ନିମନ୍ତେ ପିପ୍ପଳୀର ପ୍ରକାରଭେଦ ଓ ମଞ୍ଜିର ଆବଶ୍ୟକତା

- ଭାରତରେ ମୁଖ୍ୟତଃ 2 ପ୍ରକାରର ପିପ୍ପଳୀର ଚାଷ କରାଯାଇଥାଏ ।

| କ୍ର. ସଂ. | କିସମ | ଉପଲାବ୍ଧତା | ଗୁଣବତ୍ତା | ପ୍ରତିରୋପଣ ପାଇଁ ଦରକାର ହେଉଥିବା ଅଂଶ | ହେକଟର ପ୍ରତି ଦରକାର |
|---|---|---|---|---|---|
| 1) | ବନ ପିପ୍ପଳୀ | ଆମ ଦେଶର ଆସାମ, ପଶ୍ଚିମ ବଙ୍ଗ, ଓଡିଶାର ଜଙ୍ଗଲ ତଥା କୋଙ୍କଣରୁ ନେଇ କେରଳ ଓ ଆଣ୍ଡାମାନର ଚିରହରିତ ଜଙ୍ଗଲମାନଙ୍କରେ ମିଳିଥାଏ | ➢ ଏହାର ସର୍ବାଧିକ ଉଚ୍ଚତା ପାଞ୍ଚ ମିଟର ପର୍ଯ୍ୟନ୍ତ ହୋଇଥାଏ ଏବଂ ଏହାର ଫୁଲ ଧରିବା ସମୟର ଅବଧି କମ ସମୟର ହୋଇଥାଏ ।<br>➢ ବନ ପିପ୍ପଳୀ ବର୍ଷରେ 150 ଦିନରୁ 200 ଦିନ ପର୍ଯ୍ୟନ୍ତ ଅମଳକ୍ଷମ ରହେ<br>➢ ଏଥିରେ ପିପେରିନ ଓ ପିପଲରିଟିନ ଆଲକାଲଏଡ (ପିପ୍ପଳିର ଦ୍ରବ୍ୟଗୁଣ)ର ପରିମାଣ 2.3% ରୁ 2.5% ପର୍ଯ୍ୟନ୍ତ ରହିଥାଏ | ମଞ୍ଜି, ଚେର ଓ କାଣ୍ଡ | 5 ରୁ 7 କିଲୋଗ୍ରାମ ମଞ୍ଜି କିମ୍ବା 50000 ପରିପକ୍ୱ ପିପ୍ପଳୀ କାଣ୍ଡ |
| 2) | ଭୀଷଭୁଂ | କେରଳ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ | ➢ ଏହାର ସର୍ବାଧିକ ଉଚ୍ଚତା 120 ସେଣ୍ଟିମିଟର ଯାକେ ହୋଇଥାଏ ଏବଂ ଏହାର ଫୁଲ ଧରିବା ସମୟର ଅବଧି ଲମ୍ବା ହୋଇଥାଏ ।<br>➢ ଭୀଷଭୁଂ ପିପ୍ପଳୀ ବର୍ଷରେ 240 ଦିନରୁ 270 ଦିନ ଯାକେ ଅମଳକ୍ଷମ ରହେ<br>➢ ଏଥିରେ ପିପେରିନ ଓ ପିପଲରିଟିନ ଆଲକାଲଏଡ (ପିପ୍ପଳୀର ଦ୍ରବ୍ୟଗୁଣ)ର ପରିମାଣ 2.83% ରହିଥାଏ | | |




**ପିପ୍ପଳୀ ମଞ୍ଜି**





**3 ରୁ 4 ଟି ପବ ଥିବା ପରିପକ୍ୱ ପିପ୍ପଳୀ କାଣ୍ଡ**

## ପିପ୍ପଳୀ ଚାଷର ସୋପାନ (ମୃତ୍ତିକା ପରୀକ୍ଷା)

- ପିପ୍ପଳୀ ଚାଷ ନିମନ୍ତେ ପ୍ରତି ହେକଟର କୁ 150 କିଲୋଗ୍ରାମ ଯବକ୍ଷାରଜାନ, 60 କିଲୋଗ୍ରାମ ଫୋସ୍ଫୋରସ ଏବଂ 60 କିଲୋଗ୍ରାମ ପୋଟାସ ଦରକାର ପଡିଥାଏ |
- ଏହା ନିମନ୍ତେ ଜମିର ଅମ୍ଳୀୟତା **5** ରୁ 8 ମଧ୍ୟରେ ରହିବା ଆବଶ୍ୟକ |
- ଏଥି ନିମନ୍ତେ ଜମିର ମୃତ୍ତିକା ପରୀକ୍ଷା କରିନେବା ଜରୁରୀ ଏବଂ ଏହା ନିମ୍ନୋକ୍ତ ପ୍ରକାରରେ କରାଯାଇଥାଏ |
  - ଏଥି ନିମନ୍ତେ ଜମିର 5 ଗୋଟି ଜାଗାରୁ ମୃତ୍ତିକା ସଂଗ୍ରହ କରାଯାଏ | 4 ଗୋଟି କୋଣରୁ 4 ଗୋଟି ଏବଂ ଜମିର ମଝିରୁ ଗୋଟିଏ |
  - ମୃତ୍ତିକା ସଂଗ୍ରହ ନିମନ୍ତେ କୋଡ଼ି ବା କୋଦାଳର ଆବଶ୍ୟକତା ପଡେ | ପ୍ରଥମେ ଗୋଟିଏ ଜାଗା ଚିହ୍ନଟ କରି ସେ ଜାଗାର ପୂର୍ବ-ପଶ୍ଚିମ ଏବଂ ଉତ୍ତର-ଦକ୍ଷିଣ ଦିଗରୁ କୋଡ଼ି ଦ୍ୱାରା ଗୋଟିଏ ଥରରେ ଉପର ମାଟିକୁ ଖୋଳି ବାହାର କରି ଗୋଟିଏ କଡରେ ରଖିବାକୁ ପଡିବ | ତାପରେ ସେହି ଖାତରେ ଆଉ ଠାରେ ଗୋଟିଏ କୋଡ଼ି ଖୋଳି ସେଇ ମାଟିକୁ ଅଲଗା ପରିଷ୍କାର କପଡା କିମ୍ବା ପାଲ ଉପରେ ରଖିବାକୁ ପଡିବ | ଏହିପରି ଭାବରେ 5 ଗୋଟି ମାଟି ସଂଗ୍ରହ କରି ତାକୁ ଭଲ ଭାବରେ ମିଶେଇ ତନ୍ମଧ୍ୟରୁ ଗୋଡି ଏବଂ ଅନ୍ୟାନ୍ୟ ବର୍ଜ୍ୟ ବସ୍ତୁକୁ ଅଲଗା କରିବାକୁ ପଡିବ | ଏଥିରୁ ପାଖାପାଖି 250 ଗ୍ରାମ ର ମାଟିକୁ ନେଇ ଜରି ବ୍ୟାଗରେ ଭରି ନିକଟସ୍ଥ ମୃତ୍ତିକା ପରୀକ୍ଷାଗାରରେ ଦେଲେ ତାର ପରୀକ୍ଷା କରାଯାଇ ପାରିବ |

# ମୃତିକା ସଂଗ୍ରହର ଫୋଟୋ






ନିଜର ସୁବିଧା ନିମନ୍ତେ ମାଟି ସଂଗ୍ରହ କରିଥିବା ସ୍ଥାନକୁ ଚିହ୍ନଟ କରି ରଖିବା ଉଚିତ କିମ୍ବା ମୋବାଇଲ କ୍ୟାମେରାରେ ସେ ସ୍ଥାନର ଜି.ପି.ଏସ. ଫଟୋ ଉଠେଇ ରଖିବା ଦରକାର । ଯାହା ଦ୍ୱାରା କି ପରବର୍ତ୍ତୀ ମୃତ୍ତିକା ପରୀକ୍ଷଣ ବେଳେ ସମାନ ଜାଗାରୁ ମୃତ୍ତିକା ଯିବ ନାହିଁ।

# ସପଗନ୍ଧା ଚାଷର ସୋପାନ

## (ମୃତ୍ତିକା ପରୀକ୍ଷା – ପ୍ରମାଣପତ୍ର)



OFFICE OF THE ASSISTANT DIRECTOR OF AGRICULTURE SOIL CHEMIST,
SAHEEDNAGAR , BHUBANESWAR , KHORDHA
TELEPHONE NUMBER : 0674-2950868 Email:scbbsr.dag@nic.in

| FARMER'S INFORMATION :- | |
|---|---|
| Name of the Farmer/ Organisation :- | State Medicinal Plant Board, Odisha |
| VILLAGE :- | Bhubaneswar |
| GRAM PANCHAYAT:- | |
| BLOCK/ SUB-DIVISION:- | |
| DISTRICT:- | Khordha |
| Date of Sample Collection:- | 07-06-2022 |
| Mobile No:- | 0674-2954911 |

| LAND INFORMATION :- | |
|---|---|
| Sample Reference:- | 2-Nityanand Sabar |
| Land Type :- | |
| Irrigated/Non-Irrigated :- | |
| Season:- | Kharif 2022 |
| Crop:- | |
| Khata/Plot No. | |

RESULT OF SOIL TESTING

| Lab No.:- P 238 | | |
|---|---|---|
| pH:- | 6.68 | Neutral |
| TSS (ds/m):- | 0.032 | Normal |
| Organic Carbon(%):- | 0.31 | Low |
| Nitrogen (N) | 92.88 | Low |
| Phosphorous (K.g/ Ha):- | 26.27 | Medium |
| Potash (K.g/ Ha) :- | 330.00 | High |

Available Secondary/Micronutrient

| | | |
|---|---|---|
| Sulphur (PPM) | | |
| Zinc (PPM) | | |
| Boron (PPM) | | |
| Iron(Fe) (PPM) | | |
| Manganese(Mn) (PPM) | | |
| Copper(Cu) (PPM) | | |

DURATION OF VALIDITY OF SHC FROM : 10/08/2022 TO : 09/08/2024

Assistant Director of Agriculture,
Soil Chemist, Khordha , Bhubaneswar

ରାଜ୍ୟ ମୃତ୍ତିକା ପରୀକ୍ଷାଗାର, ଭୁବନେଶ୍ୱରଙ୍କ ଦ୍ୱାରା ପ୍ରଦତ୍ତ ମୃତ୍ତିକା ପରୀକ୍ଷାଫଳ

ଜିଲ୍ଲାସ୍ତରୀୟ କୃଷି ବିଜ୍ଞାନ କେନ୍ଦ୍ରଙ୍କ ଦ୍ୱାରା ପ୍ରଦତ୍ତ ମୃତ୍ତିକା ମୃତ୍ତିକା ପରୀକ୍ଷାଫଳ



ପରୀକ୍ଷା ଫଳାଫଳ ଅନୁଯାୟୀ ଅନୁମୋଦନ - ମୃତ୍ତିକା ପରୀକ୍ଷାଗାର, ସେମିଳିଗୁଡ଼ା

ବର୍ଷ ୨୦୨୨-୨୦୨୩

ନମୁନାର କ୍ର.ନଂ Lab No-5777

| ମୃତ୍ତିକା ପରୀକ୍ଷା ଫଳାଫଳ | |
|---|---|
| ୧. | ଅମ୍ଳତା 6.10 Acidic |
| ୨. | ଲବଣତା 0.2 Normal |
| ୩. | ଜୈବିକ ଅଙ୍ଗାର (%) 0.65 Medium |
| ୪. | ସହଜ ଲଭ୍ୟ ଯବକ୍ଷାରଜାନ 347 Medium |
| ୫. | ସହଜ ଲଭ୍ୟ ଫସ୍‌ଫରସ୍ (କି.ଗ୍ରା/ହେକ୍ଟର) 2 Low |
| ୬. | ସହଜ ଲଭ୍ୟ ପଟାସ୍ (କି.ଗ୍ରା/ହେକ୍ଟର) 681 High |
| ୭. | ଚାଷୀ କେଉଁ ଫସଲ ଚାଷ କରିବେ |
| ୮. | ଫସଲ ଋତୁ (ଖରିଫ/ରବି/ଗ୍ରୀଷ୍ମ) |
| ଉପଲବ୍ଧ ଅଣୁସାର / ଗୌଣ ସାର | |
| ୯. | ଗନ୍ଧକ |
| ୧୦. | ଦସ୍ତା |
| ୧୧. | ଲୌହ |
| ୧୨. | ମାଙ୍ଗାନିଜ୍ |
| ୧୩. | ତମ୍ବା |
| ୧୪. | ବୋରନ୍ |
| ୧୫. | ମଲିବଡିନମ୍ |

| ଅନୁମୋଦିତ ପଦକ୍ଷେପ | |
|---|---|
| | ଅନୁମୋଦିତ ସାର |
| ୧. | ଜୈବିକ ଖତ/ସାର (ଟନ/ଏକର) |
| ୨. | ଯବକ୍ଷାରଜାନ (କି.ଗ୍ରା/ଏକର) |
| ୩. | ଫସ୍‌ଫରସ୍ (କି.ଗ୍ରା/ଏକର) |
| ୪. | ପଟାସ୍ (କି.ଗ୍ରା/ଏକର) |
| ୫. | ଜୈବ ସାର |
| ୬. | ମୃତ୍ତିକା ସଂଶୋଧକ |
| ଅନୁମୋଦିତ ଅଣୁସାର / ଗୌଣ ସାର | |
| ୭. | ଗନ୍ଧକ |
| ୮. | ଦସ୍ତା |
| ୯. | ଲୌହ |
| ୧୦. | ମଙ୍ଗାନିଜ୍ |
| ୧୧. | ତମ୍ବା |
| ୧୨. | ବୋରନ୍ |
| ୧୩. | ମଲିବଡିନମ୍ |

Adv. Consult the Asst. Horticulture Officer Dasamanthpur, for the above crop fertiliser recommendation.

ASST. DIRECTOR OF AGRICULTURE, SOIL CHEMIST, SEMILIGUDA, KORAPUT
ମୃତ୍ତିକା ରସାୟନବିତ୍, ଅତିରିକ୍ତ କୃଷି ନିର୍ଦ୍ଦେଶକ, ସେମିଳିଗୁଡା

## ପିପ୍ପଳୀ ଚାଷର ସୋପାନ
## (ଜମି ପ୍ରସ୍ତୁତି)

- ଏପ୍ରିଲ ମାସର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହ ସୁଦ୍ଧା ମୁଖ୍ୟ କ୍ଷେତକୁ ଭଲ ଭାବରେ ହଳ କରି ମାଟି ଗୁଣ୍ଡ କରିବାକୁ ପଡ଼ିବ ତଥା ମାଟିକୁ 15 ଦିନ ଖରା ଖୁଆଇବାକୁ ପଡ଼ିବ ଯାହା ଦ୍ୱାରା ମାଟିରେ ଥିବା ଅଦରକାରୀ ସୁକ୍ଷ୍ମ ଅଣୁଜୀବ ତଥା ବୀଜାଣୁମାନେ ନଷ୍ଟ ହୋଇଯିବେ
- ଏହା ପରେ ପ୍ରଥମ ପ୍ରାକ-ମୌସୁମୀ ବର୍ଷା ପରେ ପରେ ଦ୍ୱିତୀୟ ହଳ କରିବାକୁ ପଡ଼ିବ ଓ ଏହି ଦ୍ୱିତୀୟ ହଳ ସମୟରେ ଜମିରେ ଆବଶ୍ୟକତା ଅନୁଯାୟୀ 8 ରୁ 12 ଟନ ଉତ୍ତମ ଭାବରେ ସଢ଼ି ଯାଇଥିବା ଗୋବର ଖତ କିମ୍ବା 4 ରୁ 6 ଟନ ଶଢ଼ା ଗୋବର ଖତ ସହ 2 ରୁ 3 ଟନ ସବୁଜ ଖତ ତଥା 25 କିଲୋଗ୍ରାମ ନିମ ପିଡିଆ ଗୁଣ୍ଡ ଜମିରେ ପକେଇ ଭଲଭାବରେ ହଳ କରିବାକୁ ପଡ଼ିବ |
- ଏହାପରେ ଜମିରେ ହୁଡ଼ା ଟେକ୍ି ଦେବାକୁ ପଡିବ |2 ଟି ହୁଡ଼ା ମଧ୍ଯରେ ବ୍ୟବଧାନ ପାହାଡିଆ ଅଞ୍ଚଳ ପାଇ 1 ମିଟର ଏବଂ ସମତଳ ଅଂଚଳ ପାଇ 60 ସେଣ୍ଟିମିଟର ହେବା ଜରୁରୀ |
- 2 ଟି ହୁଡ଼ା ମଧ୍ୟରେ ସିଆରକୁ ଭଲ ଭାବରେ ପ୍ରସ୍ତୁତ କରିବାକୁ ପଡିବ ଯେମିତି ପାଣି ଗଛ ମୂଳରେ ଜମା ନହୁଏ, ନହେଲେ ପିପ୍ପଳୀ ଗଛ ନଷ୍ଟ ହେବାର ସମ୍ଭାବନା ରହିଛି |

## ପ୍ରଥମ ହଳ ପରେ ମୁଖ୍ୟ କ୍ଷେତର ଫଟୋଗ୍ରାଫ





# ଦ୍ୱିତୀୟ ହଳ ପରେ ମୁଖ୍ୟ କ୍ଷେତର ଫଟୋଗ୍ରାଫ



# ପିପ୍ପଳୀ ଚାଷର ସୋପାନ
## (ନର୍ସରୀ ମାଧ୍ୟମରେ ପିପ୍ପଳୀର ଚାଷ)

- ଯଦିଓ ପିପ୍ପଳୀର ଚାଷ କାଣ୍ଡ, ଚେର ଓ ମଞ୍ଜିରୁ କରାଯାଇ ପାରିବ, କିନ୍ତୁ ନର୍ସରୀ ମାଧ୍ୟମରେ ପିପ୍ପଳୀର ପରିପକ୍ୱ କାଣ୍ଡରୁ ଚାରା କରି ଏହାର ଚାଷ କଲେ ଗଛ ନଷ୍ଟ ହବାର ଆଶଙ୍କା ବହୁଳ ପରିମାଣରେ ହ୍ରାସ ପାଇଥାଏ ତଥା ଫସଲ ସଅଳ ଅମଳ ହୋଇଥାଏ |
- ପିପ୍ପଳୀ ନର୍ସରୀ ପାଇଁ ବେଡ଼ର ଆକାର ଲମ୍ବାରେ 4.5 ଫୁଟ, ପ୍ରସ୍ଥରେ 1.5 ଫୁଟ ଏବଂ ଉଚ୍ଚତାରେ 0.5 ଫୁଟ ହେବା ବିଧେୟ |
- ଏହାକୁ ଫେବୃଆରୀ ମାସର ତୃତୀୟ ସପ୍ତାହରୁ ଆରମ୍ଭ କରି ମାର୍ଚ୍ଚ ମାସର ଦ୍ୱିତୀୟ ସପ୍ତାହ ମଧ୍ୟରେ ପ୍ରସ୍ତୁତ କରି ମଞ୍ଜି ବୁଣି ଦେବାକୁ ପଡିବ |
- ମଞ୍ଜି ବୁଣିବା ପରେ ପରେ ଭଲ ଭାବରେ ଗୁଣ୍ଡ ହୋଇଥିବା ଶୁଖିଲା ଶଢା ଗୋବର ଖତକୁ ଭଲ ଭାବରେ ଏହି ମଞ୍ଜି ଉପରେ ବିଞ୍ଚି ଦେଇ ମଞ୍ଜିରୁ ଗଜା ବାହାରିବା ପର୍ଯ୍ୟନ୍ତ ଯାହାକି ବୁଣିବ ଠାରୁ 30 ରୁ 40 ଦିନ ପର୍ଯ୍ୟନ୍ତ ଦିନକୁ 2 ଥର ପାଣି ସିଞ୍ଚନ କରିବାକୁ ପଡିବ |
- ମଞ୍ଜି ବୁଣିବା ପୂର୍ବରୁ ମଞ୍ଜିକୁ 5% ହାଣ୍ଡି ଖାତ ପାଣି ଘୋଳରେ ଗୋଳେଇ 4 ଘଣ୍ଟା ବତୁରେଇବାଟା ଜରୁରୀ ଯାହା ଫଳରେ ମଞ୍ଜିରୁ ଗଜା ସଅଳ ବାହାରି ଥାଏ ଓ ପିପ୍ପଳିର ରୋଗ ପ୍ରତିରୋଧକ ଶକ୍ତିରେ ବୃଦ୍ଧି ଘଟିଥାଏ |
- ମଞ୍ଜିରୁ ଅଙ୍କୁରୋଦଗମର 21 ରୁ 30 ଦିନ ମଧ୍ୟରେ ଚାରା ମୁଖ୍ୟ କ୍ଷେତରେ ରୋପଣ ନିମନ୍ତେ ପ୍ରସ୍ତୁତ ହୋଇଯାଏ |
- ସେହିପରି ଭାବରେ ମାର୍ଚ୍ଚ ମାସର ପ୍ରଥମ ସପ୍ତାହରୁ ଏପ୍ରିଲ ମାସର ପ୍ରଥମ ସପ୍ତାହ ମଧ୍ୟରେ ପିପ୍ପଳିର ପରିପକ୍ୱ କାଣ୍ଡ (1 ବା ତଦୁର୍ଦ୍ଧ ବୟସର) ଯାହାର କି ସର୍ବନିମ୍ନ 3 ବା 4 ଟା ପବ ଥିବ ତାକୁ ନର୍ସରୀ ବେଡ଼ର ମାଟିରେ ସିଧାସଳଖ ପୋତି ତା ଉପରେ ଭଲଭାବରେ ଶୁଖିଲା ଗୋବର ଖତର ଗୁଣ୍ଡକୁ ସିଂଚନକରି ଝରା ମାଧ୍ୟମରେ ଜଳସେଚନ କରିବାକୁ ପଡିବ |
- କାଣ୍ଡରୁ ପିପ୍ପଳୀ ଚାରା ପ୍ରସ୍ତୁତି ପାଇଁ ନର୍ସରୀଟିକୁ ଛାଇ ଥିବା ସ୍ଥାନରେ କରାଯିବା ଉଚିତ |
- କାଣ୍ଡ ନର୍ସରୀରେ ରୋଇବାର 15 ଦିନ ମଧ୍ୟରେ ଏଥିରୁ ଚେର ଆସିଥାଏ ଏବଂ ଏହାର 21 ରୁ 30 ଦିନ ମଧ୍ୟରେ ଚାରା ମୁଖ୍ୟ କ୍ଷେତରେ ରୋପଣ ନିମନ୍ତେ ପ୍ରସ୍ତୁତ ହୋଇଯାଏ |
- ନର୍ସରୀରୁ ପିପ୍ପଳୀ ଚାରା ଓପାଡିବାର 12 ଘଣ୍ଟା ପୂର୍ବରୁ ନର୍ସରୀ ବେଡ଼କୁ ଭଲଭାବରେ ଜଳସେଚିତ କରିବା ଜରୁରୀ |




ନର୍ସରୀରେ କାଣ୍ଡରୁ ଚାରା ପ୍ରସ୍ତୁତିର ବିଭିନ୍ନ ସୋପାନ

## ପିପ୍ପଳୀ ଚାଷର ସୋପାନ
## (ମୁଖ୍ୟ କ୍ଷେତରେ ପିପ୍ପଳୀ ଚାରା ରୋପଣ )

- ପ୍ରଥମ ମୌସୁମୀ ବର୍ଷା ପରେ ପରେ ପିପ୍ପଳୀ ଚାରାଗୁଡିକ 30 ଦିନର ହୋଇଗଲେ ପିପ୍ପଳୀ ମୁଖ୍ୟ କ୍ଷେତରେ ପ୍ରତିରୋପଣ କରାଯାଇଥାଏ, ଯାହାକି ଜୁନ ରୁ ଜୁଲାଇ ମାସ ମଧ୍ୟରେ ହୋଇଥାଏ |
- ନର୍ସରୀ ରୁ ଚାରା ଓପାଡିବାର 12 ଘଣ୍ଟା ପୂର୍ବରୁ ନର୍ସରୀରେ ଭଲଭାବରେ ପାଣି ମଡ଼େଇ ଚାରା ଓପାଡିବା ବିଧେୟ ଯାହା ଫଳରେ ଚାରର ଚେର ନଷ୍ଟ ହୋଇ ନଥାଏ ଏବଂ ପ୍ରତିରୋପଣ ବେଳେ ଗଛ ନଷ୍ଟ ହୁଏ ନାହିଁ |
- ପିପ୍ପଳୀ ର ଚାରା ରୋପଣ ପୂର୍ବରୁ ମୁଖ୍ୟ ଜମିର ସମାନ୍ତରାଳ ହୁଡାରେ 1 ଫୁଟରେ 1 ଫୁଟ ଗାତ ଖୋଳି ସେଥିରେ ଗାତ ପ୍ରତି 500 ଗ୍ରାମ ଶଢା ଗୋବର ଖତ ଓ 50 ଗ୍ରାମ ନିମ୍ବ ପିଡିଆର ଗୁଣ୍ଡ ମାଟିରେ ମିଶେଇ ଚାରା ଲଗେଇ ମାଟି ଭରିବାକୁ ପଡିବ
- ଦୁଇ ଗୋଟି ଚାରା ମଧ୍ୟରେ ଦୂରତା 60 ରୁ 100 ସେଣ୍ଟିମିଟର ରହିବା ଜରୁରୀ |
- ପିପ୍ପଳୀ ରୋଇବାପରେ ପ୍ରତ୍ୟେକ ଗଛରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ରଞ୍ଜା ରେ ପିପ୍ପଳିକୁ ଗୁଡେଇ ଦେବାକୁ ପଡିବ, ଯେମିତିକି ପିପ୍ପଳୀ ଗଛ ମାଟିରେ ଲାଗିନଯିବ |



ହୁଡାରେ ପିପ୍ପଳୀର ପ୍ରତିରୋପଣ



ପିପ୍ପଳୀରେ ବାଉଁଶ ବା କାଠର ରଞ୍ଜାର ବ୍ୟବସ୍ଥା

## ପିପ୍ପଳୀ ଚାଷର ସୋପାନ

### (ପିପ୍ପଳୀ ଫସଲରେ କୋଡାଖୁସା, ଘାସ ବଛାବଛି ତଥା ପୋଷକତତ୍ତ୍ୱର ପରିଚାଳନା)

- ପିପ୍ପଳୀର ବ୍ୟବସାୟିକ ଚାଷର ପ୍ରଥମ ବର୍ଷ ଫସଲରେ ଘାସ ଦେଖାଦେଲା ମାତ୍ରେ ବଛା ବଛି କରି ଦେବା ଆବଶ୍ୟକ | ଦ୍ୱିତୀୟ ବର୍ଷ ଠାରୁ ପ୍ରତ୍ୟେକ 3 ମାସରେ ଥରେ ଘାସ ବାଛିବା ଆବଶ୍ୟକ |
- ପ୍ରତି ବର୍ଷ ଫସଲ ଅମଳ ପରେ ମାର୍ଚ୍ଚ ଓ ଏପ୍ରିଲ ମାସରେ ଏହାର ଶୁଖିଲା ଏବଂ ଦରକାର ଠାରୁ ଲମ୍ବା ଲତାଗୁଡିକୁ କାଟିଦିଆଯିବା ଆବଶ୍ୟକ | ଏପରି ନକଲେ ଫଳ କମିବାର ଆଶଙ୍କା ରହିଛି |
- ପ୍ରତି କୋଡାଖୁସା ଓ ଘାସ ବଛା ବଛି ପରେ ପୋଷାକତତ୍ତ୍ୱ ବା ଖାଦ୍ୟସାର ଭାବରେ ଅମୃତଜଳ(୩୦ ଲିଟର ଅମୃତଜଳ ୩୦୦ ଲିଟର ପାଣିରେ ମିଶାଇ) କିମ୍ବା ଅମୃତ ଘୋଳ (50 ଲିଟର ଅମୃତ ଘୋଳ 300 ଲିଟର ପାଣିରେ ମିଶାଇ) ସିଆରରେ ପ୍ରୟୋଗ କରିବାକୁ ହେବ |
- ପ୍ରତ୍ୟେକ ଥର  ପୋଷକତତ୍ତ୍ୱ ପ୍ରୟୋଗ ପରେ କ୍ଷେତରେ ଅଳ୍ପ ପରିମାଣର ଜଳସେଚନ କରିବା ନିତ୍ୟାନ୍ତ ଆବଶ୍ୟକ |

## ପିପ୍ପଳୀ ଚାଷର ସୋପାନ
### (ପିପ୍ପଳୀ ଫସଲରେ ଜଳସେଚନର ଆବଶ୍ୟକତା)

- ବ୍ୟବସାୟିକ ପିପ୍ପଳୀ ଚାଷରେ ଚାରା ରୋପଣର 21 ଦିନ ପର୍ଯ୍ୟନ୍ତ ପ୍ରତି 4 ରୁ 5 ଦିନ ଅନ୍ତରାଳରେ ମୁଖ୍ୟ ଜମିରେ ପାଣି ମଡ଼େଇବାଟା ଜରୁରୀ
- ପିପ୍ପଳୀ ବୃକ୍ଷ ବଢି ଗଲାପରେ ଖରା ଦିନରେ ଜମିର ଆର୍ଦ୍ରତା ଅନୁସାରେ 7 ଦିନରୁ 14 ଦିନରେ ଥରେ ଜମିକୁ ଜଳସେଚିତ କରିବାକୁ ପଡେ ଏବଂ ଶୀତଦିନରେ ଏହାର ବ୍ୟବଧାନ 15 ରୁ 20 ଦିନ ହେବା ଜରୁରୀ |
- ବୁନ୍ଦା ବା ସିଞ୍ଚା ଜଳସେଚନ ପିପ୍ପଳୀ ଚାଷ ପାଇଁ ଉତ୍ତମ |
- ଖରା ଦିନରେ ଜମିର ଆର୍ଦ୍ରତା ବଞ୍ଚାଇ ରଖିବାକୁ ଶୁଖିଲା ପତ୍ର ବା ନଡାର ମଲଚିଂ କରିବାଟା ଭଲ |

## ପିପ୍ପଳୀ ଚାଷର ସୋପାନ
### (ରୋଗ ଓ ପୋକର ଦମନ ଓ ନିରାକରଣ)

| କୀଟ/ ରୋଗର ନାମ | କାରଣ ଓ ଲକ୍ଷଣ | ଚିକିତ୍ସା ଓ ନିରାକରଣ |
|---|---|---|
| ଫାଇଟୋପଥୋରା (ପିପ୍ପଳିର ନର୍ସରୀ ଅବସ୍ଥାରେ ବା ଆଦ୍ୟାବସ୍ଥାରେ) | ଏହି ରୋଗ ପିପ୍ପଳୀର ଏକ ସାଧାରଣ ରୋଗ ଯାହାକି ନର୍ସରୀରେ ଥିବା ଚାରାର କାଣ୍ଡ, ଚେର ଏବଂ ପତ୍ରକୁ ପଚେଇ ନଷ୍ଟକରିଦିଏ ଏବଂ ଏହା କବକ ଦ୍ୱାରା ବ୍ୟାପିଥାଏ \| | • ଯଥାଶୀଘ୍ର ପିପ୍ପଳୀ ଗଛର ମୂଳ (ଚେର) ଏବଂ କାଣ୍ଡରେ ପାଞ୍ଚ ପ୍ରତିଶତ ବରଡେକ୍ସ ଘୋଳକୁ ପ୍ରତି 2 ଦିନ ଅନ୍ତରାଳରେ ଫସଲରେ, ମୁଖ୍ୟତଃ ଗଛର କାଣ୍ଡ ଓ ଚେରରେ 3 ରୁ 5 ଥର ସିଞ୍ଚନ କଲେ ଏଥିରୁ ସମ୍ପୂର୍ଣ୍ଣ ଉପଶମ ମିଳେ \| |
| ଫାଇଟୋପଥୋରା (ପିପ୍ପଳିର ପରିପକ୍ୱ ଅବସ୍ଥାରେ) | ଏହି ରୋଗରେ ଗଛର କାଣ୍ଡ, ଚେର ଏବଂ ପତ୍ରକୁ ପଚି ନଷ୍ଟ ହେଇଯାଏ \| ଏହି ରୋଗ ସାଧାରଣତଃ ବର୍ଷା ଦିନରେ ପରିପକ୍ୱ ଗଛକୁ ମଧ୍ୟ ହୋଇଥାଏ \| | • ଯଥାଶୀଘ୍ର ପିପ୍ପଳୀ ଗଛର ମୂଳ (ଚେର) ଏବଂ କାଣ୍ଡରେ ଏକ ପ୍ରତିଶତ ବରଡେକ୍ସ ଘୋଳକୁ ପ୍ରତି 7 ଦିନ ଅନ୍ତରାଳରେ ଫସଲରେ, ମୁଖ୍ୟତଃ ଗଛର କାଣ୍ଡ ଓ ଚେରରେ 3 ରୁ 5 ଥର ସିଞ୍ଚନ କଲେ ଏଥିରୁ ସମ୍ପୂର୍ଣ୍ଣ ଉପଶମ ମିଳେ \|<br>• ବର୍ଷା ଦିନ ପୂର୍ବରୁ ପ୍ରତି 14 ଦିନରେ ଅନ୍ତରାଳରେ ଥରଟିଏ ଲେଖାଏଁ ବର୍ଷାଦିନରେ ଏହାକୁ ସିଞ୍ଚନ କଲେ ଏହି ରୋଗ ଦେଖା ଯିବନାହିଁ \| |
| ମିଲି ବଗ | ମିଲି ବଗ କୀଟ ଗଛର ମୂଳକୁ ଆକ୍ରମଣ କରିଥାଏ ଓ ଗ୍ରୀଷ୍ମ ଋତୁରେ ଏହାର ପ୍ରଭାବ ଅଧିକ ହୋଇଥାଏ \| ଏହା ଫଳରେ ଗଛର କାଣ୍ଡ ଓ ପତ୍ର ଶୁଖିବା ଆରମ୍ଭ କରେ ଓ ଫସଲହାନି ହୋଇଥାଏ \| | • ଯଥା ଶୀଘ୍ର ଫସଲରେ 100 ପ୍ରତିଶତ ନିମ ଚାର ମିଶ୍ରଣ ସହ 50 ପ୍ରତିଶତ ନିମ ତେଲ ଘୋଳକୁ ମିଶେଇ ସିଞ୍ଚନ କରିବାକୁ ପଡିବ ଏବଂ ତା ପରେ ପ୍ରତି 7 ଦିନ ଅନ୍ତରାଳରେ 50 ପ୍ରତିଶତ ନିମ ଚାର ମିଶ୍ରଣ ସହ 30 ପ୍ରତିଶତ ନିମ ତେଲ ଘୋଳକୁ ମିଶେଇ 5 ଥର ଫସଲରେ ସିଞ୍ଚନ କରିବାକୁ ପଡିବ \| |



ମିଲି ବଗ କୀଟ

ଫାଇଟୋପଥୋରା ରୋଗ ଓ କବକ




## ପିପ୍ପଳୀ ଫସଲରେ ଅମଳ ଏବଂ ଅମଳ ପରବର୍ତ୍ତୀ ଯତ୍ନ

- ପିପ୍ପଳୀ ଚାରା ରୋଇବାର 6 ମାସ ପରେ ଫୁଲ ଦେଇଥାଏ ଏବଂ ଏହାର 2 ମାସ ପରେ ପିପ୍ପଳୀ ଫଳଗୁଡିକ ପରିପକ୍ୱ ହୋଇଥାଏ |
- ପିପ୍ପଳୀ ଫଳ ଅପରିପକ୍ୱ ଅବସ୍ଥାରେ ଗାଢ଼ ସବୁଜ ବର୍ଣ୍ଣର ହୋଇଥାଏ, ପରିପକ୍ୱ ଅବସ୍ଥାରେ ଏହା ହାଲ୍କା ସବୁଜ ବା ଧୂସର ସବୁଜ ବର୍ଣ୍ଣର ହୁଏ ଏବଂ ପାଚିଗଲେ ଲାଲ ରଙ୍ଗ ଧାରଣ କରେ | ଏହା ଯେବେ ଧୂସର ସବୁଜ ବର୍ଣ୍ଣର ହୁଏ ସେବେ ପିପ୍ପଳିକୁ ଯଥାଶୀଘ୍ର ଅମଳ କରାଯିବା ଜରୁରୀ |
- ପିପ୍ପଳୀ ବର୍ଷ ତମାମ ଫଳ ଦେଉଥିବାରୁ ଏହାର ଅମଳ ପ୍ରତି 40 ରୁ 45 ଦିନ ଅନ୍ତରାଳ ମଧ୍ୟରେ କରାଯାଏ |
- ଫଳ ଗୁଡିକୁ ତୋଳିବା ପରେ ତାକୁ 4 ରୁ 5 ଦିନ ଖରାରେ ଥୋଇ ବ୍ୟାଗରେ ଭରି ଶୁଖିଲା, ଭୂଇଁ ଠାରୁ ଉଚ୍ଚ ଜାଗାରେ ଏବଂ ବାୟୁ ଚଳ ପ୍ରଚଳ ହେଉଥିବା ସ୍ଥାନରେ ରଖିବା ଆବଶ୍ୟକ |
- ସଂରକ୍ଷିତ ଫଳଗୁଡିକୁ ତୋଳିବାର 8 ମାସ ମଧ୍ୟରେ ବିକ୍ରି କରାଯିବା ଆବଶ୍ୟକ ତା ନହେଲେ ଦ୍ରବ୍ୟଗୁଣ ନଷ୍ଟ ହବାର ଆଶଙ୍କା ରହିଛି ଏବଂ ଦାମ ମଧ୍ୟ କମିବାର ଆଶଙ୍କା ଅଛି |



ସଠିକ ସମୟରେ ଅମଳ ହୋଇଥିବା ଏବଂ ସଠିକ ଉପାୟରେ ଅମଳ ପରବର୍ତ୍ତୀ ଯତ୍ନ ନିଆଯାଇଥିବା ପିପ୍ପଳୀ |



ସଠିକ ସମୟରେ ଅମଳ ହୋଇନଥିବା ଏବଂ ଅତ୍ୟଧିକ ଖରାରେ ସିଧାସଳଖ ଶୁଖାଯାଇଥିବା ପିପ୍ପଳୀ |